# Akashvani, Sambalpur

## SAMBALPURI NEWS BULLETIN

### 17 June 2024- 6.47- 6.52 am.

**********************************************

ପିଏମ୍ କିଷାନ୍ ସମ୍ମାନ୍ ନିଧି ଯୋଜ୍ନା ପି.ଆଇ.ବି.

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ପିଏମ୍ କିଷାନ୍ ସମ୍ମାନ୍ ନିଧି ଯୋଜ୍ନାର ହିତାଧିକାରୀମାନ୍‌କୁ ୧୭ ନମ୍ବର୍ କିସ୍ତି ଦେବେ । ଉତର୍‌ପ୍ରଦେଶ୍‌ର ବାରାଣାସୀ ଠାନେ ହେବାର୍‌କେ ଥିବା ଗୁଟେ ସ୍ୱତନ୍ତ୍ର ସମାରୋହଥି ଶ୍ରୀ ମୋଦୀ ଡିବିଟି ଜରିଏ ୯ କୋଟି ୨୬ ଲାଖ୍ ନୁ ଅଏତ୍‌କା ହିତାଧିକାରୀମାନ୍‌କର୍ ଏକାଉଂଟ୍‌କେ ପାଖାପାଖି ୨୦ ହଜାର୍ କୋଟି ଟଙ୍କା ଦେବେ । ଇ ବାବ୍‌ଦେ କେନ୍ଦ୍ର କୃଷି ଆଉ କୃଷକ୍ କଲ୍ୟାଣ୍ ଆର୍ ଗ୍ରାମ୍ୟ ଉନ୍ନୟନ୍ ମନ୍ତ୍ରୀ ଶିବରାଜ୍ ସିଂ ଚୌହାନ୍ ସାମ୍ବାଦିକ୍ ସମ୍ମିଲନୀଥି ସୂଚ୍‌ନା ଦେଇଛନ୍ । ସେ କହିଛନ୍ ଯେ, ୨୦୧୯ ମସିହା ଫେବୃଆରୀ ୨୪ ତାରିଖ୍ ଦିନ କିଷାନ୍ ସମ୍ମାନ୍ ନିଧି ଯୋଜ୍ନା ମୁଲ୍ ହେଇଥିଲା । ସବୁପ୍ରକାର୍ ଚାଷୀଙ୍କୁ ଆର୍ଥିକ୍ ସାହାଜ୍ ଦେବାର୍ ଇ ଯୋଜ୍ନାର୍ ମୁଲ୍ ଲକ୍ଷ୍ୟ ଆଏ । ଇ ଯୋଜ୍ନାଥି ୩ ଟା ଖେପେ

ଚାଷୀମାନ୍‌କୁ ବଛରକ ୬ ହଜାର୍ ଟଙ୍କା ଦିଆଯାଉଛେ । ଏବତକ୍ ୧୧ କୋଟିନୁ ଅଏତ୍‌କା ଚାଷୀଙ୍କୁଁ ୩ ଲାଖ୍ କୋଟିନୁ ଅଏତ୍‌କା ଟଙ୍କା ଦିଆଯାଇଛେ ବଲି ଶ୍ରୀ ଚୌହାନ୍ କହିଛନ୍ । ସେ ଆହୁରି କହିଛନ୍ ଯେ, ବାରାଣାସୀ ନ ହେବାର୍‌କେ ଥିବା ସମାରୋହଥି ଦେଶର୍ ୩୦ ହଜାର୍‌ନୁ ଅଏତ୍‌କା ସ୍ୱୟଂସହାୟକ ଗୋଷ୍ଠୀର୍ ସଦସ୍ୟମାନ୍‌କୁ କୃଷି ସଖୀ ଭାବେ ପ୍ରମାଣ୍‌ପତ୍ର ଦିଆଯିବା ।

ରଥ୍‌ଯାତ୍ରା ପ୍ରସ୍ତୁତି- ସମୀକ୍ଷା ବୈଠକ୍ ଆର୍‌ଏନ୍‌ୟୁ ସମ୍ବଲପୁର୍

ଶ୍ରୀକ୍ଷେତ୍ର ପୁରୀ ନ ମାହାପୁରୁମାନ୍‌କର୍ ସ୍ନାନପୂର୍ଣ୍ଣିମା ଆଉ ବିଶ୍ୱପ୍ରସିଦ୍ଧ ରଥ୍‌ଯାତ୍ରା ସୁରୁଖୁରୁଥି ପରିଚାଲନା କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁଁ ଗଲାକାଏଲ୍ ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ରାଜ୍ୟ ଅତିଥି ଭବନ୍‌ଥି ହେଇଥିବା ବୈଠକ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ସହେତେ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ୍, ମୁଖ୍ୟ ଶାସନ୍ ସଚିବ ପ୍ରଦୀପ୍ ଜେନା, ପୁଲିସ୍ ମହାନିର୍ଦ୍ଦେଶକ୍ ଅରୁଣ୍ କୁମାର୍ ଷଡ଼ଙ୍ଗୀ ଆଉ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ୍ ଥିଲେ । ବୈଠକ୍ ଉତ୍‌ରୁ ସୂଚ୍‌ନା ଦେଇକରି ଆଇନ୍‌ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍ ଯେ,

ରଥଯାତ୍ରାର୍ ପ୍ରସ୍ତୁତିକେ ନେଇକରି ବୈଠକ୍‌ଥି ଆଲୋଚନା ହେଇଛେ ଆଉ ନୀତିକାନ୍ତି ବାବ୍‌ଦେ ସେବାୟତ ଆଉ ପରିଚାଲନା କମିଟି ସହେତେ ଆଏବା ଦିନେ ବୈଠକ୍ ହେବା ବଲି ଆଇନ୍ ମନ୍ତ୍ରୀ କହିଛନ୍ ।

ଇଦ୍-ଉଜ୍-ଜୁହା ଆର୍‌ଏନ୍‌ୟୁ ସମ୍ବଲପୁର୍

ଦେଶେ ତ୍ୟାଗ ଆଉ ବଳିଦାନ୍‌ର ପର୍ବ ଇଦ୍-ଉଜ୍-ଜୁହା ଆଏଜ୍ ପାଳନ୍ କରାଯାଉଛେ । ଇସ୍‌ଲାମ ସମ୍ପ୍ରଦାୟର୍ ସବୁଠାନୁ ପବିତ୍ର ପରବ୍ ଭିତ୍‌ରୁ ଇଟା ଗୁଟେ ଅନ୍ୟତମ । ଇଦ୍-ଉଜ୍- ଜୁହା ହେଉଛେ ତ୍ୟାଗ୍‌ର ଦିନ୍ । ଇ ଅବ୍‌ସରେ ମସ୍‌ଜିଦ୍‌ମାନ୍‌କେ ମୁସଲମାନ ସଂପ୍ରଦାୟର ଲୁକ୍‌ମାନେ ନମାଜ୍ ପାଠ୍ କରୁଛନ୍ । ପବିତ୍ର ଇଦ୍-ଉଜ୍-ଜୁହା ଅବସ୍‌ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁଭେଚ୍ଛା ଜନେଇଛନ୍ । ସେ ତାଙ୍କର୍ ବାର୍ତାଥି କହିଛନ୍ ଯେ, ଇଦ୍-ଉଜ୍- ଜୁହା ହେଉଛେ ତ୍ୟାଗର ଦିନ୍ । ଇ ପରବ୍ ପ୍ରେମ, ଭାଇଚାରା ଆଉ ଶ୍ରଦ୍ଧାର ବାର୍ତା ଦେସି ବଲି ଶ୍ରୀମତୀ ମୁର୍ମୁ କହିଛନ୍ । ଇଦ୍-ଉଜ୍- ଜୁହା ଅବ୍‌ସରେ ରାଜ୍ୟପାଳ ରଘୁବାର ଦାସ ସବୁ ମୁସଲମାନ ଭାଇ-ଭଉଣୀମାନ୍‌କୁ ଆନ୍ତରିକ ଶୁଭେଚ୍ଛା ଆର୍ ଅଭିନନ୍ଦନ ଜନେଇଛନ୍ । ସେବା, ସମର୍ପଣ ଆଉ ତ୍ୟାଗର

ଇ ପର୍ବଥି ସମ୍‌କୁ ସାମିଲ୍ ହେବା ସହେତେ ମୁସଲମାନ ଭାଇଭଉଣୀମାନ୍‌କର ସର୍ବାଙ୍ଗୀନ ବିକାଶ ଲାଗି ଉତ୍ସର୍ଗୀକୃତ ଭାବେ ସେବା କର୍‌ବାର୍‌କେ ସେ ଆହ୍ବାନ ଦେଇଛନ୍ ।

ସେନ୍ତା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପବିତ୍ର ଇଦ୍-ଉଜ୍-ଜୁହା ପର୍ବ ଅବ୍‌ସରେ ମୁସଲମାନ ଭାଇଭଉଣୀମାନ୍‌କୁ ଆନ୍ତରିକ ଶୁଭେଚ୍ଛା ଜନାବାର୍ ସହେତେ ସମ୍‌କ୍‌ର ସୁଖ ଆଉ ସମୃଦ୍ଧି କାମନା କରିଛନ୍ ।

ମନ୍ କି ବାତ୍         ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୩୦ ତାରିଖ୍ ରଏବାର୍ ଦିନ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍‌ବାସୀଙ୍କୁ ସମ୍ବୋଧନ୍ କର୍‌ବେ । ଇଟା ତାଙ୍କର୍ ଶହେ ୧୧ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ଆପ୍ କି ମାଇ ଗଭ୍ ଓପନ୍ ଫୋରମ୍‌ଥି ପ୍ରଧାନ୍‌ମନ୍ତ୍ରୀ ଲୁକ୍‌କର୍ ଠାନୁ ଆଏବା ୨୮ ତାରିଖ୍‌ତକ୍ ମତାମତ୍ ଆହ୍ବାନ୍ କରିଛନ୍ । ଇତାର୍‌ଛଡ଼ା ମାହାଲିଆ ଫୋନ୍ ନମ୍ବର୍ ୧୮୦୦-୧୧-୭୮୦୦ କେ ଡାଏଲ୍ କରିକରି ସେମାନେ ସେମାନ୍‌କର୍ ସନ୍ଦେଶ୍ ହିନ୍ଦୀ କି ଇଂରାଜୀଥି ରେକର୍ଡ଼ କରେଇପାର୍‌ବେ । ଇ କାର୍ଯ୍ୟକ୍ରମ୍

ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଏଆଇଆର୍ ନ୍ୟୁଜ୍, ଡିଡି ନ୍ୟୁଜ୍ ଆର୍ ପିଏମ୍‌ଓ ଅଫିସ୍‌ର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଶୁନାଯାଇପାର୍‌ବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଳିକ୍ ଭାଷଥି ଇତାର୍ ପ୍ରସାରଣ୍ କରାଯିବା ।

ସ୍କୁଲ୍- ମଧ୍ୟାହ୍ନ ଭୋଜନ ଆର୍‌ଏନ୍‌ୟୁ / ସମ୍ବଲପୁର

ଖରାଛୁଟି ଉତ୍‌ରୁ ଆଏବା କାଏଲ୍ ରାଏଜେ ସ୍କୁଲ୍ ଖୁଲ୍‌ବାର୍‌କେ ଯାଉଛେ । ସ୍କୁଲ୍ ଖୁଲ୍‌ବାର୍ ପହେଲା ଦିନୁ ଛାତ୍ରଛାତ୍ରୀମାନ୍‌କୁ ମଧ୍ୟାହ୍ନ ଭୋଜନ୍ ଦିଆଯିବା । ୧ ନୁ ୮ କ୍ଲାସ୍‌ତକ୍ ଛାତ୍ରଛାତ୍ରୀମାନ୍‌କୁ ମଧ୍ୟାହ୍ନ ଭୋଜନ୍ ଦେବାର୍ ଲାଗି ପଦକ୍ଷେପ୍ ନେବାର୍‌କେ ସବୁ ଜିଲ୍ଲା ଶିକ୍ଷା ଅଧିକାରୀମାନ୍‌କୁ ପିଏମ୍ ପୋଷଣ୍‌ର ରାଜ୍ୟ ନୋଡ଼ାଲ୍ ଅଧିକାରୀ ନିର୍ଦ୍ଦେଶ୍ ଦେଇଛନ୍ । ସ୍କୁଲ୍ ନ ଛାତ୍ରଛାତ୍ରୀମାନେ ଯେନ୍‌ତା ସେମାନ୍‌କର୍ ଅଧିକାର୍‌ନୁ ବଂଚିତ୍ ନାଇଁ ହୁଅନ୍ ସେତାର୍ ଉପ୍‌ରେ ନଜର୍ ରଖ୍‌ବାର୍ ଲାଗି ସ୍କୁଲ୍ ମାନ୍‌କୁ କୁହାଯାଇଛେ । ସ୍କୁଲ୍ ଖୁଲ୍‌ବାର୍ ଆଗ୍‌ରୁ ମଧ୍ୟାହ୍ନ

ଭୋଜନ୍ ଲାଗି ଅଗ୍ରଲିଥିବାର୍ ଖାଏବାର୍ ଦରବ୍ ଯାଂଚ୍ କର୍ବାର୍ ଲାଗି ଫି’ ସ୍କୁଲ୍ କର୍ତୃପକ୍ଷଙ୍କୁ କୁହାଯାଇଛେ ।

ଯୁକ୍ତ ୩ ନାଁଲେଖା          ଆର୍ଏନ୍ୟୁ/ କଟକ୍

ଯୁକ୍ତ ତିନ୍ ଶ୍ରେଣୀଥି ନାଁଲେଖା ଲାଗି ଆଏଜ୍ ଅନ୍ଲାଇନ୍ ଆବେଦନ୍ ଶେଷ୍ ହେବା । ରାତି ୧୧ ବାଜିକରି ୪୫ ମିନିଟ୍ତକ୍ ଛାତ୍ରଛାତ୍ରୀମାନେ ଆବେଦନ୍ କରିପାର୍ବେ । ଗଲା ୩ ତାରିଖ୍ନୁ ନାଁ ଲେଖା ଲାଗି ଅନ୍ଲାଇନ୍ ଆବେଦନ୍ ମୁଲ୍ ହେଇଥିବାର୍ ବେଲେ ଏବ୍ତକ୍ ମୋଟ୍ ୨ ଲାଖ୍ ୧୦ ହଜାର ଛାତ୍ରଛାତ୍ରୀ ଆବେଦନ୍ କରିଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ଚଲ୍ତି ବଛର୍ ୧ ହଜାର୍ ୫୭ ଟା କଲେଜ୍ଥି ନାଁଲେଖାବାର୍ ଲାଗି ମୋଟ୍ ୨ ଲାଖ୍ ୪୭ ହଜାର୍ ୫ ଶହ ୭ ଟା ସିଟ୍ ରହିଛେ । ଆଏବାକାଏଲ୍ ଆର୍ ବୁଧବାର୍ ଦିନ ଆବେଦନ୍ ଫର୍ମ ସଂଶୋଧନ୍ କର୍ବାର୍ ଲାଗି ସୁଯୋଗ୍ ଦିଆଯିବା ।

ପାଣିପାଗ          ଆର୍ଏନ୍ୟୁ/ କଟକ୍

ରାଜ୍ୟର୍ ଭିତ୍ରିଆ ଇଲାକା ଆର୍ ପଶ୍ଚିମାଂଚଲ୍ ନ ଗ୍ରୀଷ୍ମପ୍ରବାହର ପରିମାଣ୍ ଅଏତ୍କା ରହୁଥିବାର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସୂଚ୍ନା ମିଲିଛେ । ମୌସୁମୀ ଏଛେନ୍ କୋରାପୁଟ୍ ନ ସକ୍ରିୟ ରହିଥିବାର୍ ବେଲେ ଆଏବା ୨ ନୁ ୩ ଦିନ୍ ଭିତ୍ରେ ଆଗ୍କେ ବଢ଼୍ବା । ହେଥିର୍ଲାଗି ଦକ୍ଷିଣ ଓଡ଼ିଶା ନ ଭଲ୍ ବର୍ଷା ହେବା । ରାଜ୍ୟର୍ ସମୁଦ୍ରଖଁଡ଼ି ଇଲାକା ନ ପ୍ରାକ୍ ମୌସୁମୀ ବର୍ଷା ହେଇଥିଲେ ଭିଲ୍ ଗୁଲ୍ଗୁଲି ଜାରି ରହିଛେ । ଆଏବା ୨ ଦିନ୍ ଭିତ୍ରେ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ କାଲ୍ବୈଶାଖୀ ହେବାର୍ ସମ୍ଭାବନା ରହିଛେ । ଆଏଜ୍ ସୁନ୍ଦର୍ଗଡ଼୍, ସହେତେ ୧୯ ଟା ଜିଲ୍ଲା ନ ଧୁକାଧନ୍ଦି ସହେତେ ବିଜ୍ଲି ମାରିକରି ବର୍ଷା ହେବା ବଲି ପାଣିପାଗ୍ ବିଭାଗ୍ ସତର୍କ କରେଇଛେ ।